# ଘୁମୁରା

ଛାତିରେ ବାନ୍ଧିଲ  ଏମିତିଯେ
ମୁଁ ତୁମ ଛାତିକୁହିଁ
ଏକବାର ଜାବୁଡି ରହିଲି
ଥରେ ଜାବୁଡିଧରିଲା ପରେ
ଗଣ୍ଠିଫିଟିଲାନିକି
ମୁଁ ଜମା ହଲ୍‌ଚଲ୍‌ହେଲିନି
ମୋତେ ବାନ୍ଧି ତୁମେ
ଡେଇଁଲ, ଆଉଜିଲ, ଗାଇଲ
ଝରଣା, ପାହାଡ, ପ୍ରେମିକ ସାଜିଲ
ଆଉ ଶେଷକୁଝମ୍, ଝମ୍, ଝମ୍
ତାଳରେ ମୋତେ ପିଟିଲ, ନିର୍ଦ୍ଧୁମ୍
ଏଥାପିତୁମକୁ ନିଜର କହି
ମାଟି ହୋଇ କଷ୍ଟ  ସହିଲି
ତୁମକୁ ଏକଲା ନ ଛାଡି
ଆବୋରି ରହିଲିଅର୍ଦ୍ଧାଙ୍ଗିନୀ ହୋଇ
ମୋ ସହନୀୟତାର ଛାୟା ତଳେ
ଠିକ୍ ଯେଭଳିରାଧା ହୋଇ ଥରେ
ଯମୁନା କୁଳେ କଷ୍ଟ  ସହି ଥିଲି
ସୀତା ହୋଇ ଦିନେ
ରାମରାଜ୍ୟ ପାଇଁ ବନବାସ କଲି
କେବଳ ଶ୍ରେଷ୍ଠତାର ମାନ୍ୟତା ଦେବାକୁତୁମକୁ
ସଦାବେଳେ ତୁମପାଇଁ
ରାଧା, ସୀତା ଓ ଘୁମୁରା ସାଜିଲି
ବାରମ୍ବାର କଷ୍ଟ ପାଇ ସୁଦ୍ଧା
ତିଳେ ଦଃଖ ନାହିଁ ମୋର
ଏଣୁକିମୋ କଷ୍ଟରେ
ତୁମେ ଖୁବ୍‌ଚକ୍‌ଚକ୍ କର

ନାରୀର ତ୍ୟାଗରେ ହିଁ
କେଜାଣି ପୁରୁଷ  ଶ୍ରେୟଙ୍କର
ସହନତା ହିଁତାର ଶ୍ରେଷ୍ଠ ତୀର
ମହାନତା ରାଧା, ସୀତା,
ଆଉ ଘୁମୁରାର  ।।।

ଦିଗମ୍ବର ପାତ୍ର